ପ୍ରଗତିବାଦୀ

www.pragativadi.com

ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ

ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ • FOUNDER PRADYUMNA BAL


**3rd Dec, 2020**

# ଆଇଆଇଟିର ନବମ ସମାବର୍ତ୍ତନ ଉତ୍ସବ ପ୍ରସ୍ତୁତି ବୈଠକ




• ଜଟଣୀ, ପିଏନଏସ

ଆଇଆଇଟି ଭୁବନେଶ୍ୱର, ଅରଗୁଲ କ୍ୟାମ୍ପସଠାରେ ନବମ ସମାର୍ତ୍ତନ ଉତ୍ସବ ଚଳିତ ୪ତାରିଖରେ ଅରଗୁଳ ସ୍ଥିତ ସ୍ଥାୟୀ କ୍ୟାମ୍ପସଠାରେ ଆୟୋଜିତ ହେବ । ଏନେଇ ବୁଧବାର ଆଇଆଇଟି କନଫର୍ନ୍ସହଲ ଠାରେ ଏକ ପ୍ରସ୍ତୁତି ବୈଠକ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର ଭି ରାଜାକୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ଡିସେମ୍ବର ୪ ତାରିଖରେ ଅରଗୁଳସ୍ଥିତ ସ୍ଥାୟୀ କ୍ୟାମ୍ପସର କମ୍ୟୁନିଟି ସେଂଟେରରେ ହେବାକୁଥିବା ଆଇଆଇଟିର ନବମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥୀଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡଃ ରମେଶ ପୋଖରୀଆଲ ନିଶଙ୍କ ଯୋଗଦେଇ ସ୍ୱର୍ଣ୍ଣପଦକ ବିଜେତା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବେ । ଭିଡିଓ କନଫ୍ରେନ୍ସି ମାଧ୍ୟମରେ ଯୋଗଦେବା ସହିତ ଡଃ ନିଶଙ୍କ ଦିକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିବେ । ଏଥି ସହିତ ଷ୍ଟୁଡଂଟେ ଆକ୍ଟିଭିଟି ସେଂଟେର, ସ୍କୁଲ ଅଫ ହ୍ୟୁମାନିଟିକ୍, ସ୍କୁଲ ଅଫ ସୋସିଆଲ ସାଇନ୍ସ ଆଣ୍ଡ ମ୍ୟାନେଜମେଣ୍ଟ ଏବଂ ଖେଳପଡିଆ ଇତ୍ୟାଦିର ଉଦଘାଟନ କରିବେ ବୋଲି ନିର୍ଦ୍ଦେଶକ ପ୍ରଫେସର ଶ୍ରୀ ରାଜାକୁମାର କହିଛନ୍ତି । ସେହିପରି ଏହି ସମାବର୍ତ୍ତନ ଉତ୍ସବରେ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ (ରାଜ୍ୟପାହ୍ୟା) ସଂଜୟ ଧୋତ୍ରେ ସମ୍ମାନୀତ ଅତିଥୀଭାବେ ଯୋଗଦେବା ସହିତ ଆଇଆଇଟି ଭୁବନେଶ୍ୱର ବୋର୍ଡ ଅଫ ଗଭର୍ଣ୍ଣରର୍ସର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ସିଂହ ଅନଲାଇନ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବାର ଯୋଜନା ରହିଛି ।

ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଆର ଭି ରାଜାକୁମାର ରିପୋର୍ଟ ପ୍ରଦାନ କରିବା ସହିତ ଡିଗ୍ରୀଧାରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିବେ । ଏଥିରେ ୩୫ଜଣ ପିଏଚଡି, ୧୪୧ଜଣ ଏମ ଟେକ୍, ୭୦ଜଣ ଏମଏସସି ଏବଂ ୨୦୦ଜଣ ବିଟେକ ସମେତ ମୋଟ ୪୪୬ଜଣ ଡିଗ୍ରୀ ପାଇବେ । ଉକ୍ତ କାର୍ଯ୍ୟକ୍ରମରେ ଡିଗ୍ରୀଧାରୀ ଛାତ୍ରଛାତ୍ରୀ, ସେମାନଙ୍କର ଅଭିଭାବକ, ଫାକଲ୍ଟି ମେମ୍ବର, ଷ୍ଟାଫ ମେମ୍ବର ଏବଂ ଇନିଷ୍ଟିଚ୍ୟୁଟର ଆଡମିନିଷ୍ଟ୍ରେସନ ସଦସ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।